# NATIONAL NEWS BULLETIN (ODIA)
## 01st December - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରଠାରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଆଜି ଦ୍ୱିତୀୟ ଦିନପାଇଁ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ମହାରାଷ୍ଟ୍ରର ନବନିର୍ବାଚିତ ମହାୟୁତି ମେଣ୍ଟ ସରକାରଙ୍କ ଆସନ୍ତା ୫ ତାରିଖରେ ଶପଥ ଗ୍ରହଣ ।
- କରାଇକାଲ୍ ଓ ମହାବଳୀପୁରମ୍ ମଧ୍ୟରେ ଗତରାତିରେ ସ୍ଥଳଭାଗ ସ୍ପର୍ଶ କଲା ସାମୁଦ୍ରିକ ଝଡ଼ ଫେଞ୍ଜାଲ୍ ।
- ଏଡ୍ସ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଏଡ୍ସ ଦିବସ ।

ଏବଂ

- ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୪ର ଫାଇନାଲ୍ ପର୍ଯ୍ୟାୟକୁ ପି.ଭି. ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ଉନ୍ନୀତ ।

## ପି.ଏମ୍. - ସିକ୍ୟୁରିଟି କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦ୍ୱିତୀୟ ଦିନପାଇଁ ଭୁବନେଶ୍ୱରଠାରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗଦେବେ । ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ପୁଲିସର ବିଭିନ୍ନ ପରିଚାଳନାଗତ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଆଭ୍ୟନ୍ତରୀଣ ନିରାପତ୍ତା, ନୂଆ ଅପରାଧିକ ଆଇନ, ଉପକୂଳ ସୁରକ୍ଷା, ସାଇବର ଅପରାଧ, ମାଓବାଦୀ କାର୍ଯ୍ୟକଳାପ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଡ୍ରୋନ ଉପଯୋଗ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ବିଚାର ଆଲୋଚନା ଚାଲିଛି । ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ୍ ମହାନିର୍ଦ୍ଦେଶକ ତଥା ସୁରକ୍ଷା ଏଜେନ୍ସିର ମୁଖ୍ୟମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ଓଡ଼ିଶାକୁ ତିନିଦିନିଆ ଗସ୍ତ ଶେଷକରି

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଜି ସନ୍ଧ୍ୟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ମହାୟୁତି - ଓଥ୍

ମହାରାଷ୍ଟ୍ରର ନବନିର୍ବାଚିତ ମହାୟୁତି ମେଣ୍ଟ ଆସନ୍ତା ୫ ତାରିଖରେ ଶପଥ ଗ୍ରହଣ କରିବ । ବି.ଜେ.ପି. ମହାରାଷ୍ଟ୍ର ରାଜ୍ୟଶାଖା ସଭାପତି ଚନ୍ଦ୍ରଶେଖର ବାୱ୍ନକୁଲେ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇ କହିଛନ୍ତି, ଆଜାଦ ମଇଦାନରେ ଅପରାହ୍ଣ ୫ଟାରେ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସୂଚନାଯୋଗ୍ୟ, ବି.ଜେ.ପି., ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ଅଜିତ୍ ପାୱାର୍‌ଙ୍କ ଏନ୍.ସି.ପି.କୁ ନେଇ ଗଠିତ ମହାୟୁତି ମେଣ୍ଟ ୨୮୮ ଆସନରୁ ୨୩୦ ଆସନରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଛି । ବି.ଜେ.ପି. ୧୩୨ଟି ଆସନ ସହ ନିର୍ବାଚନରେ ଏକକ ବୃହତ୍ତମ ଦଳ ହୋଇଛି । ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୫୭ଟି ଏବଂ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଏନ୍.ସି.ପି. ୪୧ଟି ଆସନ ହାସଲ କରିଛି ।

# ସାଇକ୍ଲୋନ୍

ସାମୁଦ୍ରିକ ଝଡ଼ ଫେଞ୍ଜାଲ୍ ଗତ ରାତିରେ ତାମିଲ୍‌ନାଡୁ ଏବଂ ପୁଦୁଚେରୀ ଉପକୂଳର କରାଇକାଲ୍ ଓ ମହାବଲୀପୁରମ୍ ମଧ୍ୟରେ ସ୍ଥଳଭାଗ ସ୍ପର୍ଶ କରିଛି । ରାତି ସାଢ଼େ ୧୦ରୁ ସାଢ଼େ ୧୧ଟା ମଧ୍ୟରେ ସାମୁଦ୍ରିକ ଝଡ଼ ଉତ୍ତର ତାମିଲ୍‌ନାଡୁ ଓ ପୁଦୁଚେରୀ ଉପକୂଳ ଅତିକ୍ରମ କରିଥିଲା । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୭୦ରୁ ୮୦ କିଲୋମିଟର ରହିବା ସହ ସ୍ଥାନେ ସ୍ଥାନେ ୯୦ କିଲୋମିଟରରେ ପହଞ୍ଚିଥିଲା । ପଶ୍ଚିମ-ଦକ୍ଷିଣ-ପଶ୍ଚିମ ଦିଗକୁ ଗତିକରି ଏହି ଝଡ଼ ଧୀରେ ଧୀରେ ଦୁର୍ବଳ ହେବା ସହ ଗଭୀର ଅବପାତରେ ପରିଣତ ହୋଇଛି । ବାତ୍ୟା ଯୋଗୁଁ ଉତ୍ତର ତାମିଲ୍‌ନାଡୁ ଏବଂ ପୁଦୁଚେରୀ ଅଞ୍ଚଳରେ ପ୍ରବା ବର୍ଷା ହୋଇଛି । ଚେନ୍ନାଇ ବିମାନ ବନ୍ଦରରୁ ଗତକାଲି ବିମାନ ଉଡ଼ାଣ ବନ୍ଦ ରଖାଯାଇଥିଲା । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ତାମିଲ୍‌ନାଡୁର ବିଭିନ୍ନ ଅଞ୍ଚଳ ପାଇଁ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଚାରି କରିଛି ।

ପୁଦୁଚେରୀରେ ପ୍ରବଳ ବର୍ଷା ଯୋଗୁଁ ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହୋଇଛି । ରାସ୍ତା ଏବଂ ତଳିଆ ଅଞ୍ଚଳରେ ବର୍ଷାଜଳ ଜମିବା ଯୋଗୁଁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । ସମୁଦ୍ର ଅଶାନ୍ତ ଯୋଗୁଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବାପାଇଁ ପରାମର୍ଶ ଦିଆଯାଇଛି ।

## ଏମ୍.ଇ.ଏ. - ଇଣ୍ଡିଆନ୍ ଷ୍ଟୁଡେଣ୍ଟସ୍

ଆମେରିକାରେ ଭାରତୀୟ ଛାତ୍ର ନୁକରାପୁ ସାଇ ତେଜାଙ୍କ ହତ୍ୟା ଘଟଣାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ସିକାଗୋରେ ଥିବା ତେଜାଙ୍କ ପରିବାରକୁ ଭାରତୀୟ ଦୂତାବାସ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଇଛି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିକାଗୋ ସ୍ଥିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ଦାବି କରିଛନ୍ତି ।

## ନାଗାଲାଣ୍ଡ - ଷ୍ଟେଟ୍‌ହୁଡ୍

ନାଗାଲାଣ୍ଡ ଆଜି ତା'ର ୬୨ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୬୩ ମସିହା ଆଜିର ଦିନରେ ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହୋଇଥିଲା । ଏହି ଅବସରରେ ସମଗ୍ର ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । କୋହିମାସ୍ଥିତ ନାଗାଲାଣ୍ଡ ସିଭିଲ୍ ସଚିବାଳୟ - ପ୍ଲାଜାଠାରେ ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ୱାର୍ଲଡ୍ ଏଡ୍ସ ଡେ

ଏଡ୍ସ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଉଛି । ଏଚ୍.ଆଇ.ଭି. ବିରୋଧରେ ଲଢ଼େଇରେ ସମସ୍ତେ ଏକଜୁଟ୍ ହେବା ଏବଂ ପୀଡ଼ିତ ଲୋକଙ୍କୁ ସମବେଦନା ପ୍ରଦାନ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଚଳିତ ବର୍ଷ ଏହି ଦିବସର ଶୀର୍ଷକ ରହିଛି 'ସଠିକ୍ ମାର୍ଗ ଅନୁସରଣ କର' । ୧୯୯୨ ମସିହା ଡିସେମ୍ବର ପହିଲାରୁ ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଘ – ନାକୋ ପ୍ରତିବର୍ଷ ଦେଶରେ ଏହି ଦିବସ ପାଳନ କରିଆସୁଛି । ୨୦୩୦ ସୁଦ୍ଧା ବିଶ୍ୱକୁ ଏଡ୍ସମୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ଏଦିଗରେ ରହିଥିବା ଆହ୍ୱାନର ମୁକାବିଲାପାଇଁ ବିଭିନ୍ନ ସ୍ତରରେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଆଜି ମଧ୍ୟପ୍ରଦେଶର ଇନ୍ଦୋର୍‌ଠାରେ ଏହି ଉପଲକ୍ଷ୍ୟେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ।

## ବାଂଲାଦେଶ – ଲ' ଆଣ୍ଡ ଅର୍ଡର୍

ବାଂଲାଦେଶରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ନେଇ ସେଠାକାର ବ୍ୟବସାୟୀ ଗୋଷ୍ଠୀ ଚିନ୍ତା ପ୍ରକଟ କରିଛନ୍ତି । ଢାକାଠାରେ ଢାକା

ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆୟୋଜିତ ଏକ ବ୍ୟାବସାୟିକ ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି । ମଧ୍ୟବର୍ତ୍ତୀକାଳୀନ ସରକାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି ସମ୍ମିଳନୀରେ ବ୍ୟାବସାୟିକ ଗୋଷ୍ଠୀ ଅଭିଯୋଗ କରିଛି । ପରିସ୍ଥିତିରେ ଉନ୍ନତି ନ ହେଲେ ଦେଶର ଅର୍ଥନୀତି ଦୁର୍ବଳ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ସେମାନେ ଅନୁରୋଧ କରିଛନ୍ତି । ବ୍ୟାବସାୟିକ ଖର୍ଚ୍ଚ ହ୍ରାସ କରିବା ସହିତ ଶିଳ୍ପ ଉତ୍ପାଦକତା ବଜାୟ ରଖିବାପାଇଁ ନିରବଚ୍ଛିନ୍ନ ଗ୍ୟାସ୍ ଏବଂ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

## ଗଭ୍ - ସ୍ନେକ୍ ବାଇଟ୍

ସାପ କାମୁଡ଼ା ମାମଲା ଏବଂ ଏଥିରେ ହେଉଥିବା ମୃତ୍ୟୁକୁ ନୋଟିଫାଏବୁଲ୍ ଡିଜିଜ୍ ଭାବେ ପରିଗଣନା କରିବାକୁ  ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ  ନିର୍ଦ୍ଦେଶ ଦେଇଛି । ଏ ନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ବିଭାଗୀୟ ପ୍ରମୁଖ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବ କହିଛନ୍ତି, ସାପ କାମୁଡ଼ା ଜନସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ

ଚିନ୍ତାଜନକ ବିଷୟ । ବିଶେଷକରି କୃଷକ ଓ ଆଦିବାସୀଙ୍କ ମଧ୍ୟରେ ସାପ କାମୁଡ଼ା ମୃତ୍ୟୁ, ଅସୁସ୍ଥତା ଓ ଏଥିନେଇ ହେଉଥିବା ଅକର୍ମଣ୍ୟର କାରଣ ହୋଇଥାଏ ବୋଲି ସେ କହିଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ସାପ କାମୁଡ଼ାଜନିତ ମୃତ୍ୟୁକୁ ୫୦ ପ୍ରତିଶତ ହ୍ରାସ କରିବା ପାଇଁ ସାପ କାମୁଡ଼ା ନିରୋଧ ଏବଂ ନିୟନ୍ତ୍ରଣ ଜାତୀୟ କାର୍ଯ୍ୟ ଯୋଜନା ଆରମ୍ଭ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଅନ୍ୟ ବିଭାଗ ଏବଂ ଅଂଶିଦାରମାନଙ୍କୁ ପରାମର୍ଶ ଦେଇଛି । ଏହି ଯୋଜନା କାର୍ଯ୍ୟକ୍ଷମ ହେଲେ ଦେଶରେ ସାପ କାମୁଡ଼ା ମାମଲା ଏବଂ ଏଥି ଜନିତ ହେଉଥିବା ପ୍ରାଣହାନୀକୁ ବହୁମାତ୍ରାରେ ରୋକାଯାଇ ପାରିବ ବୋଲି ସେ କହିଛନ୍ତି ।

## ଇଣ୍ଡିଆ-ଇଟାଲୀ ଫ୍ରେଣ୍ଡସିପ୍

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ ଭାରତ-ଇଟାଲୀ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ଭାରତ ପ୍ରତିବଦ୍ଧ ବୋଲି କହିଛନ୍ତି । ମୁମ୍ବାଇ ପୋର୍ଟ ଟ୍ରଷ୍ଟର ଇନ୍ଦିରା ଡକ୍‌ଠାରେ ୯୩ ବର୍ଷର ପୁରୁଣା ଜାହାଜ 'ଆଇ.ଟି.ଏସ୍. ଆମେରିଗୋ ଭେସ୍‌ପୁସି'କୁ ଗତକାଲି ପରିଦର୍ଶନ କରିବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି । ବିଶ୍ୱ ଭ୍ରମଣରେ ବାହାରିଥିବା ଏହି ଜାହାଜ ଉନ୍ନତ ଜ୍ଞାନକୌଶଳ ଏବଂ ଦକ୍ଷ କ୍ରୁ ସଦସ୍ୟଙ୍କର

ଶ୍ରୀ ସୋନୱାଲ୍ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଗସ୍ତର ଏକ ଅଂଶସ୍ୱରୂପ ଇଟାଲୀର କଳା ଏବଂ ସଂସ୍କୃତିକୁ ପ୍ରଦର୍ଶିତ କରିବା ଲକ୍ଷ୍ୟରେ ଜାହାଜର ବର୍ଥ ନିକଟରେ 'ଭିଲାଜିଓ ଇଟାଲିଆ' ସ୍ଥାପନ କରାଯାଇଛି । ସୂଚନାଯୋଗ୍ୟ ଗତ ୨୮ ତାରିଖରେ ଏହି ଜାହାଜ ମୁମ୍ବାଇରେ ପହଞ୍ଚିଛି ଏବଂ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସେଠାରେ ରହିବ । ୨୦୨୩ ଜୁଲାଇରେ ଏହି ଜାହାଜ ଇଟାଲୀରୁ ବାହାରିଛି । ଦୁଇ ବର୍ଷର ଯାତ୍ରା ଶେଷ କରି ଆସନ୍ତା ଫେବୃୟାରୀ ୨୦୨୫ରେ ଜାହାଜଟି ଇଟାଲୀରେ ପହଞ୍ଚିବ ବୋଲି ଜଣାପଡ଼ିଛି ।

## ହକି – ଜୁନିୟର୍ ଏସିଆ କପ୍

ଜୁନିୟର ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ଚୀନ୍ ତାଇପେଇକୁ ୧୬–୦ ଗୋଲ୍‌ରେ ପରାସ୍ତ କରିଛି । ଓମାନ୍‌ର ମାସ୍କଟ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଗ୍ରୁପ୍–ଏ' ପର୍ଯ୍ୟାରେ ଭାରତ ପକ୍ଷରୁ ଦିଲ୍‌ରାଜ ସିଂହ ୪ଟି ଏବଂ ରୋଶନ କୁଜୁର ୩ଟି ଗୋଲ୍ ସ୍କୋର କରିଛନ୍ତି । ପ୍ରଥମାର୍ଦ୍ଧରେ ଭାରତୀୟ ଦଳ ୫ଟି ଗୋଲ୍ ସ୍କୋର କରିଥିଲା । ଏହାକୁ ମିଶାଇ ୩ଟି ବିଜୟ ସହ ୯ ପଏଣ୍ଟ ହାସଲ କରି ଭାରତ ଗ୍ରୁପ୍–ଏ' ପର୍ଯ୍ୟାୟର ଶୀର୍ଷସ୍ଥାନରେ ପହଞ୍ଚିଛି । ଆଜି ଭାରତ ଗ୍ରୁପ୍ ପର୍ଯ୍ୟାୟର ପରବର୍ତ୍ତୀ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ଭେଟିବ ।

# ସୟଦ ମୋଦି - ଫାଇନାଲ୍

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚାଲିଥିବା ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୪ର ଫାଇନାଲ୍ ପର୍ଯ୍ୟାୟକୁ ପି.ଭି. ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ଉନ୍ନୀତ ହୋଇଛନ୍ତି । ଆଜି ଅପରାହ୍ନରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ମହିଳା ଏକକ ବର୍ଗ ସେମିଫାଇନାଲ୍‌ରେ ସିନ୍ଧୁ ଉନ୍ନତୀ ହୁଡ଼ାଙ୍କୁ ୨୧-୧୨ ଏବଂ ୨୧-୯ ସେଟ୍‌ରେ ପରାଜିତ କରି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଆଜି ଚୀନ୍‌ର ଉ ଲୁଓ ୟୁ'ଙ୍କୁ ଫାଇନାଲ୍‌ରେ ଭେଟିବେ ।

ଲକ୍ଷ୍ୟ ସେନ ପୁରୁଷ ଏକକ ବର୍ଗ ଫାଇନାଲ୍‌ରେ ସିଙ୍ଗାପୁରର ଜିଆ ହେଙ୍ଗ୍ ଜାସୋନ ତେହ୍'ଙ୍କୁ ଭେଟିବେ । ସେମିଫାଇନାଲ୍‌ରେ ଜାପାନର ଶୋଗୋ ଓଗାୱା'ଙ୍କୁ ୨୧-୮ ଓ ୨୧-୧୪ ସେଟ୍‌ରେ ପରାସ୍ତ କରି ଲକ୍ଷ୍ୟ ସେନ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ମିକ୍ସଡ୍ ଡବଲ୍‌ରେ ଧ୍ରୁବ କପିଳା ଏବଂ ତନିସା କ୍ରାଷ୍ଟୋ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏହି ଯୋଡ଼ି ଫାଇନାଲ୍‌ରେ ଥାଇଲାଣ୍ଡ ଯୋଡ଼ିଙ୍କୁ ଭେଟିବେ ।

*****